# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**22 June – 2025**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ପୁରୀ ରଥଯାତ୍ରାର ସୁପରିଚାଳନା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ : ସୁରକ୍ଷା ପାଇଁ ବ୍ୟବହାର କରାଯିବ ଏଆଇ କ୍ୟାମେରା ।
- ରାଜ୍ୟରେ ଡାଇରିଆ ସ୍ଥିତି ନିୟନ୍ତ୍ରଣାଧିନ ରହିବା ସହ ସଂକ୍ରମଣ ହ୍ରାସ ପାଉଥିବା ସରକାରଙ୍କ ସୂଚନା ।
- ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ ପ୍ରତିଷ୍ଠା ହେବ ଆଲୁମିନିୟମ୍ ପ୍ଲାଣ୍ଟ ।

ଏବଂ

- ଶ୍ରୀକ୍ଷେତ୍ରରେ ଆଜି ଅନବସର ଦ୍ୱାଦଶୀ ତିଥିରେ ଅନୁଷ୍ଠିତ ହେଉଛି ରାଜପ୍ରସାଦ ବିଜେ ନୀତି ।

# ରଥଯାତ୍ରା-ବୈଠକ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାର ସୁପରିଚାଳନା ନେଇ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ପୁରୀ ପୌରସଦନଠାରେ ପୂର୍ବାହ୍ନରେ ହୋଇଥିବା ବୈଠକରେ ରଥଯାତ୍ରା ସମୟରେ ଶୃଙ୍ଖଳିତ ଦର୍ଶନ, ପରିମଳ ବ୍ୟବସ୍ଥା, ଟ୍ରାଫିକ ପରିଚାଳନା, ସୁରକ୍ଷା ତଥା ରଥଯାତ୍ରାର ବିଭିନ୍ନ ନୀତିନିର୍ଘଣ୍ଟ ନେଇ ବିସ୍ତୃତ ଆଲୋଚନା ହୋଇଛି। ଶୃଙ୍ଖଳିତ ରଥଯାତ୍ରା ସମ୍ପନ୍ନ ନେଇ ମୁଖ୍ୟମନ୍ତ୍ରୀ ବୈଠକରେ ଗୁରୁତ୍ୱାରୋପ କରି କହିଛନ୍ତି ......

## - V/O -

ଅନ୍ୟପକ୍ଷରେ ରଥଯାତ୍ରା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୁରୀ ସହରକୁ ପଞ୍ଚସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ୨୭୫ଟି ଏଆଇ କ୍ୟାମେରା ଜଗିବ ବୋଲି ପୋଲିସ୍ ଡିଜି ୱାଇ.ବି. ଖୁରାନିଆ କହିଛନ୍ତି। ଏହାସହ କ୍ୱିକ୍ ରେସପନ୍ସ ଟିମ୍ ଏବଂ ଡ୍ରୋନ୍‌ର ସହାୟତା ନିଆଯିବ। ସମୁଦ୍ରତଟରେ କୋଷ୍ଟଗାର୍ଡ ମୁତୟନ, ୬୯ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୬୪ଟି ଆମ୍ବୁଲାନ୍ସ, ୨୬୫ଟି ସ୍ୱତନ୍ତ୍ର ଶଯ୍ୟା ବ୍ୟବସ୍ଥା, ୩୭୮ଟି ଅତିରିକ୍ତ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍ ନିୟୋଜିତ ହେବେ ବୋଲି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି।

ବୈଠକରେ ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା  ଓ କେ.ଭି. ସିଂହଦେଓ, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟ ବିଭାଗର ମନ୍ତ୍ରୀ ଓ ବିଧାୟକମାନେ ଉପସ୍ଥିତ ଥିଲେ।

***HS***

## ଆଲୁମିନିୟମ୍ ପ୍ଲାଣ୍ଟ ପ୍ରତିଷ୍ଠା

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ ନୂତନ ଆଲୁମିନିୟମ୍ ପ୍ଲାଣ୍ଟ ପ୍ରତିଷ୍ଠା ନେଇ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ଏଥିପାଇଁ ୧ ଲକ୍ଷ ୨୮ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ପ୍ରାୟ ୪୦ ହଜାର ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳିବ ବୋଲି ଶ୍ରୀ ପାତ୍ର ସୂଚନା ଦେଇଛନ୍ତି।

***Desk***

## ସମ୍ବିଧାନ ହତ୍ୟା ଦିବସ

ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁହେବାର ୫୦ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ଶନିବାର ରାଜ୍ୟସ୍ତରୀୟ ସମ୍ବିଧାନ ହତ୍ୟା ଦିବସ ପାଳନ କରାଯିବ। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ

ଏହି କାର୍ଯ୍ୟକ୍ରମ ଆୟୋଜନ ହେବ । ରାଜ୍ୟର ସବୁ ଜିଲ୍ଲାରୁ ଜନସାଧାରଣ ଏଥିରେ ଉପସ୍ଥିତ ରହିବେ । କାର୍ଯ୍ୟକ୍ରମରେ ଜରୁରୀକାଳୀନ ପରିସ୍ଥିତିର ସ୍ୱତନ୍ତ୍ରତା ସେନାନୀମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବକ୍ତୃତା, କୁଇଜ୍, ପ୍ରବନ୍ଧ ଓ କଳା ପ୍ରତିଯୋଗିତାର ଆୟୋଜନ କରାଯିବ । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ।

***Desk***

# ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଦ୍ୱାରା ଜନସାଧାରଣଙ୍କୁ ସୂଚିତ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

***Bhadrak+Jajpur+BBSR***

# ରାଜ୍ୟରେ ଡାଇରିଆ ସ୍ଥିତି

ରାଜ୍ୟରେ ବର୍ତ୍ତମାନ ଡାଇରିଆ ସ୍ଥିତି ନିୟନ୍ତ୍ରଣାଧିନ ରହିବା ସହ ସଂକ୍ରମଣ ହ୍ରାସ ପାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଗତକାଲି ୬ଟି ଜିଲ୍ଲାର ଡାଇରିଆ ପରିସ୍ଥିତିର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ସ୍ଥିତିର ମୁକାବିଲା ପାଇଁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ସ୍ୱାସ୍ଥ୍ୟବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହାସହ ଆଗୁଆ ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ କରିବା ଏବଂ ସମସ୍ତ ପ୍ରଭାବିତ ଓ ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ଆଗୁଆ ପଦକ୍ଷେପ ନେବାକୁ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

ଯାଜପୁର ଜିଲ୍ଲାରେ ଡାଇରିଆ ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି । ଜିଲ୍ଲାରେ ଜଳବିଶୋଧନ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସହ ଲୋକଙ୍କୁ ସଚେତନ କରାଯାଉଛି । ଏ ସମ୍ପର୍କରେ ଆମ ଯାଜପୁର ସମ୍ବାଦଦାତା ପ୍ରିୟରଞ୍ଜନ କରଙ୍କ ରିପୋର୍ଟ ........

# - V/O -

ଭଦ୍ରକ ଜିଲ୍ଲାରେ ଝାଡ଼ାବାନ୍ତି ସ୍ଥିତିରେ ସୁଧାର ପରିଲକ୍ଷିତ ହୋଇଛି । ଜିଲ୍ଲାର ଭଣ୍ଡାରୀପୋଖରୀ, ତିହିଡ଼ି, ଚାନ୍ଦବାଲି, ଧାମନଗର, ବରପଦା, ଆଗରପଡ଼ା, ଆରଡ଼ି ଆଦି ଅଞ୍ଚଳରେ କିଛିଦିନ ହେବ ଝାଡ଼ାବାନ୍ତିରେ ଅସୁସ୍ଥ ହୋଇ ଶତାଧିକ ଲୋକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ଆମ ସମ୍ବାଦଦାତାଙ୍କ ତଥ୍ୟ ଅନୁଯାୟୀ ଗତକାଲି ସୁଦ୍ଧା ୯୦ ଜଣ ଲୋକ

ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତେବେ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ୭୩ ଜଣ ଏବେ ଚିକିତ୍ସିତ ହେଉଛନ୍ତି। ପ୍ରଭାବିତ ଗ୍ରାମଗୁଡ଼ିକରେ ନଳକୂପ ବିଶୋଧନ କରାଯିବା ସହ ସ୍ୱାସ୍ଥ୍ୟକର୍ମୀ ଗାଁକୁ ଗାଁ ଯାଇ ଓଆର୍‌ଏସ୍, ହାଲୋଜିନ୍ ବଟିକା ବିତରଣ କରୁଛନ୍ତି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧିରଞ୍ଜନ ନାୟକ କହିଛନ୍ତି।

*Desk*

## ମାଗଣା ପୋଷାକ

ଚଳିତ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ସମେତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନସ୍ଥ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆସନ୍ତା ମାସ ୧୫ ତାରିଖ ସୁଦ୍ଧା ମାଗଣା ପୋଷାକ ବଣ୍ଟନ ପ୍ରକ୍ରିୟା ଶେଷ କରାଯିବ। ଓସେପା ପକ୍ଷରୁ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖାଯିବା ସହ ମାର୍ଗଦର୍ଶିକା ଜାରି କରାଯାଇଛି। ସୂଚନାଯୋଗ୍ୟ ବିଭାଗ ଅଧୀନସ୍ଥ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କୁ ୫୦୦ ଟଙ୍କା ମୂଲ୍ୟର ଦୁଇହଳ ପୋଷାକ ବଣ୍ଟନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

*Nabarangpur*

## ବିହନବିକ୍ରି ଦୋକାନ ଉପରେ ଚଢ଼ାଉ

ନବରଙ୍ଗପୁର ଜିଲ୍ଲା କୃଷି ବିଭାଗ ପକ୍ଷରୁ କୋଷାଗୁମୁଡ଼ା ବ୍ଲକ କୋଡିଙ୍ଗାରେ ଅଣସ୍ୱୀକୃତିପ୍ରାପ୍ତ ବିହନ ବିକ୍ରି କରୁଥିବା ଦୋକାନ ଉପରେ

ଚଢ଼ାଉ କରାଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରାମଚନ୍ଦ୍ର ମୁଦୁଲିଙ୍କ ନେତୃତ୍ୱରେ ଏକ ଦଳ ବିଭିନ୍ନ ଦୋକାନରେ ଯାଞ୍ଚ କରିଥିଲେ। ବିନା ଲାଇସେନ୍ସରେ ବିକ୍ରି ହୋଇଥିବା ୫ ଲକ୍ଷ ଟଙ୍କାର ବିହନ ଓ କୀଟନାଶକ ଜବତ କରି ଗୋଦାମକୁ ସିଲ୍ କରାଯାଇଛି। ଜବତ ବିହନ ଯାଞ୍ଚ ପାଇଁ ପଠାଯାଇଛି। ସୂଚନାଯୋଗ୍ୟ ଚଳିତ ବର୍ଷ ବ୍ଲକରେ ସରକାରଙ୍କ ଦ୍ୱାରା ଲାଇସେନ୍ସପ୍ରାପ୍ତ ୪୪ଟି ବିହନ ଓ ୪ ସାର ବିକ୍ରୟକେନ୍ଦ୍ର ରହିଛି।

***Puri***

## ରାଜପ୍ରସାଦ ବିଜେ ନୀତି

ପୁରୀ ଶ୍ରୀକ୍ଷେତ୍ରରେ ଅନବସର ଦ୍ୱାଦଶୀ ତିଥି ଅବସରରେ ଆଜି ରାଜପ୍ରସାଦ ବିଜେ ନୀତି ଅନୁଷ୍ଠିତ ହେବ। ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ ସକାଳ ଧୂପ ନୀତି ସରିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ବେହରଣ ଦ୍ୱାର ଫିଟାଯିବା ସହ ଶ୍ରୀନଅରକୁ ରାଜପ୍ରସାଦ ବିଜେ କରାଯିବ। ଗତକାଲି ଏକାଦଶୀ ତିଥିରେ ମହାପ୍ରଭୁଙ୍କୁ ଖଳିଲାଗି ଓ ରକ୍ତବସ୍ତ୍ର ଲାଗି କରାଯାଇଥିଲା। ଜ୍ୱରରେ ପୀଡ଼ିତ ଶ୍ରୀଜୀଉମାନଙ୍କୁ ସୁସ୍ଥ ହେବାପାଇଁ ଶ୍ରୀବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳକ ଔଷଧ ଲାଗି କରାଯାଇଥିଲା। ଏହାପରେ ମହାପ୍ରଭୁ ସୁସ୍ଥ ହୋଇଥିବା ଖବର ଗଜପତି ମହାରାଜଙ୍କୁ ସୂଚିତ କରାଯିବ। ଦଇତାପତି ସେବକମାନେ ଅନବସର

ପ୍ରସାଦ ରୂପେ କରାଳ, ଚନ୍ଦନ, ପାଟବସ୍ତ୍ର ସହ ଶ୍ରୀମନ୍ଦିରରେ ଶ୍ରୀନଅରକୁ ପଟୁଆରରେ ବିଜେ କରିବେ ।

***Boudh***

## ସାପକାମୁଡ଼ା ସଚେତନତା

ବୌଦ୍ଧ ଜିଲ୍ଲା ମାହେଶ୍ୱରୀ ସଂସ୍କୃତି ଭବନଠାରେ ବୌଦ୍ଧ ପ୍ରାଣୀ କଲ୍ୟାଣ ମଞ୍ଚ ପକ୍ଷରୁ ସାପକାମୁଡ଼ା ସଚେତନତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାପକାମୁଡ଼ାରୁ କିଭଳି ଭାବେ ରକ୍ଷା ପାଇପାରିବେ ସେ ସମ୍ପର୍କରେ ସଚେତନ କରାଯାଇଥିଲା ।

***Desk***

## ବିଶ୍ୱ ବୃଷ୍ଟି-ପୁଷ୍ଟ ଅରଣ୍ୟ ଦିବସ

ମନୁଷ୍ୟ ସମାଜ ପାଇଁ ଜଙ୍ଗଲର ଗୁରୁତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ବୃଷ୍ଟି-ପୁଷ୍ଟ ଅରଣ୍ୟ ଦିବସ ଭାବେ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଜଙ୍ଗଲ ଓ ଖାଦ୍ୟ' । ବୃଷ୍ଟି-ପୁଷ୍ଟ ଅରଣ୍ୟକୁ ସୁରକ୍ଷା ପ୍ରଦାନ କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ଏବଂ ବର୍ଷାଜଳ ନିୟନ୍ତ୍ରଣ କରିବାରେ ଏହି ଅରଣ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣକୁ ସନ୍ତୁଳିତ ରଖିଥାଏ । ପୃଥିବୀର ଫୁସ୍‌ଫୁସ୍ ଭାବେ  ବିବେଚିତ ଏହି ପ୍ରକାର ଅରଣ୍ୟକୁ ସୁରକ୍ଷା ଦେବାପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ।

***Desk***

# ପାଣିପାଗ

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟରେ ସକ୍ରିୟ ଥିବାରୁ ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଯାଇଛି । ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୭ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅନ୍ୟପକ୍ଷରେ ପ୍ରବଳ ବର୍ଷା ଯୋଗୁଁ ଝାଡ଼ଖଣ୍ଡ ଚାନ୍ଦିନୀ ବନ୍ଧ ଫାଟକ ଏବଂ ଗାଲୁଡିହି ବ୍ୟାରେଜ୍‌ରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇଛି । ଫଳରେ ବାଲେଶ୍ୱର ଦେଇ ପ୍ରବାହିତ ହେଉଥିବା ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇଛି । ରାଜଘାଟଠାରେ ନଦୀର ଜଳସ୍ତର ବିପଦସଙ୍କେତ ଉପରେ ପ୍ରବାହିତ ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।